ନିଆଦାର୍ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟଜଣେ ଇତ୍ୟାଦି ଇତ୍ୟାଦି

ଜାନୁଆରୀ **25, 1991**

[ପ୍ରଧାନ ନ୍ୟାୟାଧୀଶ ରଙ୍ଗନାଥ ମିଶ୍ର, ଏ. ଏମ୍. ଅହମ୍ମଦୀ ଏବଂ ଆର୍. ଏମ୍. ସାହାଇ, ନ୍ୟାୟମୂର୍ତ୍ତିବୃନ୍ଦ]

*ଜମି ଅଧିଗ୍ରହଣ ଅଧିନିୟମ, 1894 - ଧାରା 54 - ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ - କେତେବେଳେ ରହିଥାଏ ।*

ଆବେଦନକାରୀ ଜମି ଅଧିଗ୍ରହଣ ଅଧିନିୟମର ଧାରା **54** ଅନୁଯାୟୀ ଆବେଦନଗୁଡ଼ିକୁ ଅପିଲ ଭାବେ ଦାୟର କରିଥିଲେ । ଯେହେତୁ ସେଗୁଡ଼ିକୁ ଉଚ୍ଚ ନ୍ୟାୟାଳୟଙ୍କ କୌଣସି ପ୍ରମାଣପତ୍ର ବିନା ଦାୟର କରାଯାଇଥିଲା, ସେଥିପାଇଁ ସେଗୁଡ଼ିକୁ ଜମି ଅଧିଗ୍ରହଣ ଅଧିନିୟମର ଧାରା **54** ଅନୁଯାୟୀ ଅପିଲ ଭାବେ ବିବେଚନା କରାଯିବା ଉଚିତ ନା ଏଗୁଡ଼ିକୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ **136** ଅନୁଯାୟୀ ବିଶେଷ ଅନୁମତି ଆବେଦନ ଭାବେ ବିବେଚନା କରାଯିବା ଉଚିତ - ଏହାକୁ ନେଇ ରେଜିଷ୍ଟ୍ରି ନିର୍ଦ୍ଦେଶ ଲୋଡ଼ିଥିଲେ ।

ଏହି ଆବେଦନଗୁଡ଼ିକର ଫଏସଲା କରି ଏହି ନ୍ୟାୟାଳୟ,

ନିର୍ଣ୍ଣୟ ନେଇଥିଲେ ଯେ: **1.** ଜମି ଅଧିଗ୍ରହଣ ଅଧିନିୟମର ଧାରା **54** ଅନୁଯାୟୀ ଏକ ଅପିଲ ଏହି ନ୍ୟାୟାଳୟରେ କେବଳ ଆଦେଶ **45** ରେ ପ୍ରଦତ୍ତ ସର୍ତ୍ତାବଳୀ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଏକ ପ୍ରମାଣପତ୍ର ଆଧାରରେ ହିଁ ରହିବ । **[137H-138A]**

**2.** ବର୍ତ୍ତମାନର ମାମଲାଗୁଡ଼ିକରେ, ଯେହେତୁ ଆବେଦନକାରୀମାନେ ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ **45** ସହ ପଠିତ ଜମି ଅଧିଗ୍ରହଣ ଅଧିନିୟମର ଧାରା **54** ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇନଥିଲେ, ତେଣୁ ସେହି ମାମଲାଗୁଡ଼ିକୁ ଧାରା **54** ଅଧୀନରେ ପଞ୍ଜିକୃତ କରାଯାଇପାରିବ ନାହିଁ । **[138A]**

**3. ଏହି ଅପିଲଗୁଡ଼ିକୁ ଅନୁଚ୍ଛେଦ 136 ଅନୁଯାୟୀ ବିଶେଷ ଅନୁମତି ଆବେଦନ ଭାବରେ ପଞ୍ଜୀକୃତ କରିବାକୁ ଏବଂ ପ୍ରାଥମିକ ଶୁଣାଣି ପାଇଁ ଏଗୁଡ଼ିକୁ ଏକ ଉପଯୁକ୍ତ ନ୍ୟାୟପୀଠଙ୍କ ସମ୍ମୁଖରେ ରଖିବାକୁ ରେଜିଷ୍ଟ୍ରିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । [138B]**

ଦେୱାନୀ ଅପିଲୀୟ ଅଧିକାରିତା: ଡି. ସଂଖ୍ୟା 3490/1989, 3673/1989, 3674/1989, 3689-3699/1989, 3700-3703/1989, 4168/1989 ଏବଂ 4169/1989 ।

ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 54 ଅନୁଯାୟୀ ଅପିଲ ।

ଆବେଦନକାରୀମାନଙ୍କ ତରଫରୁ ଏସ୍. ଏନ୍. ଭଟ୍ଟ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ଆବେଦନଗୁଡ଼ିକ ଜମି ଅଧିଗ୍ରହଣ ଅଧିନିୟମର ଧାରା 54 ଅନୁଯାୟୀ ଅପିଲ ଭାବେ ଦାୟର ହୋଇଥିଲା । ଯେହେତୁ ସେଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ କୌଣସି ପ୍ରମାଣପତ୍ର ବିନା ଦାୟର ହୋଇଥିଲା ଯେ ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଉପସ୍ଥାପନ କରିଥିଲା ଯାହା ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଣ୍ଣୟ ନେବା ପାଇଁ ଯୋଗ୍ୟ ଥିଲା, ସେଥିପାଇଁ ଏହି ଆବେଦନଗୁଡ଼ିକୁ ଉପରୋକ୍ତ ଧାରା ଅନୁଯାୟୀ ଅପିଲ ଭାବେ ବିବେଚନା କରାଯିବା ଉଚିତ ନା ଏଗୁଡ଼ିକୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ବିଶେଷ ଅନୁମତି ଆବେଦନ ଭାବେ ବିବେଚନା କରାଯିବା ଉଚିତ - ଏହାକୁ ନେଇ ଏହି ନ୍ୟାୟାଳୟଙ୍କ ରେଜିଷ୍ଟ୍ରି ନିର୍ଦ୍ଦେଶ ଲୋଡ଼ିଥିଲେ ।

ଜମି ଅଧିଗ୍ରହଣ ଅଧିନିୟମର ଧାରା 54 ନିମ୍ନରେ ଦିଆଯାଇଛି:

> "54. *ନ୍ୟାୟାଳୟଙ୍କ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନରେ ଅପିଲ* - ମୂଳ ଡିକ୍ରିରୁ ଅପିଲ ପାଇଁ ପ୍ରଯୁଜ୍ୟ ଦେୱାନୀ ପ୍ରକ୍ରିୟା ସଂହିତା, 1908 (5/1908) ର ବ୍ୟବସ୍ଥାଗୁଡ଼ିକର ବଶବର୍ତ୍ତୀ ରହି, ଏବଂ ସେହି ସମୟରେ ବଳବତ୍ତର ଥିବା ଯେକୌଣସି ଅଧିନିୟମରେ ଥିବା ଯେକୌଣସି ବ୍ୟବସ୍ଥାର ବିପରୀତ ହେବା ସତ୍ତ୍ୱେ, ନ୍ୟାୟାଳୟଙ୍କ ଅଧିନିର୍ଣ୍ଣୟ କିମ୍ବା ଅଧିନିର୍ଣ୍ଣୟର ଯେକୌଣସି ଅଂଶରୁ କେବଳ ଏହି ଅଧିନିୟମ ଅଧୀନରେ ଥିବା ଯେକୌଣସି କାର୍ଯ୍ୟାନୁଷ୍ଠାନରେ ଏକ ଅପିଲ ଉଚ୍ଚ ନ୍ୟାୟାଳୟରେ ଆସି ପାରିବ ଏବଂ

> ଦେୱାନୀ ପ୍ରକ୍ରିୟା ସଂହିତା, 1908 ର ଧାରା 110 ତଥା ଏହାର ଆଦେଶ XLV ରେ ଥିବା ବ୍ୟବସ୍ଥାଗୁଡ଼ିକର ବଶବର୍ତ୍ତୀ ରହି, ଉପରୋକ୍ତ ଅପିଲ ଆଧାରରେ ପାରିତ ହୋଇଥିବା ଉଚ୍ଚ ନ୍ୟାୟାଳୟଙ୍କ ଯେକୌଣସି ଡିକ୍ରିରୁ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଅପିଲ ରହିବ" ।

ଏହା 1921 ମସିହାରୁ ଏହିପରି ଭାବେ ଅଛି, କେବଳ 'ମହାମହିମ କାଉନସିଲ' ଅଭିବ୍ୟକ୍ତିଟି 1950 ମସିହାରେ 'ସର୍ବୋଚ୍ଚ ନ୍ୟାୟାଳୟ' ଶବ୍ଦ ଦ୍ୱାରା ପ୍ରତିସ୍ଥାପିତ ହୋଇଥିଲା । 1921 ମସିହା ପୂର୍ବରୁ ପ୍ରିଭି କାଉନସିଲରେ ଅପିଲ କରିବାର କୌଣସି ଅଧିକାର ନଥିଲା । 1921 ର ଜମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ XIX ର ଧାରା 3 ଦ୍ୱାରା ଏହି ଧାରାକୁ ସଂଶୋଧନ କରାଯାଇଥିଲା କାରଣ ପ୍ରିଭି କାଉନସିଲ ଦ୍ୱାରା ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ ଏହି ଅଧିନିୟମର କୌଣସି ବ୍ୟବସ୍ଥାର ଅଭାବରେ, ଜମି ଅଧିଗ୍ରହଣ ଅଧିନିୟମ ଅଧୀନରେ ଉଚ୍ଚ ନ୍ୟାୟାଳୟଙ୍କ ଡିକ୍ରି ବିରୁଦ୍ଧରେ କୌଣସି ଅପିଲ ଗ୍ରହଣ କରାଯାଇପାରିବ ନାହିଁ । କିନ୍ତୁ ଏହି ସଂଶୋଧନ ଏକ ଅପିଲକୁ ଅନୁମତି ଦେବା ସମୟରେ ଏହାକୁ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 110 ଏବଂ ଆଦେଶ 45 ର ବ୍ୟବସ୍ଥାଗୁଡ଼ିକର ବଶବର୍ତ୍ତୀ କରିଥିଲା । ତେଣୁ, ଧାରା 54 ଦ୍ୱାରା ପ୍ରଦତ୍ତ ମୂଳ ଅପିଲ ଅଧିକାରକୁ ସୀମିତ କରାଯାଇଥିଲା ଏବଂ ଏହା କେବଳ ସେତେବେଳେ ଗ୍ରହଣ କରାଯାଇପାରୁଥିଲା ଯେତେବେଳେ ବିଷୟବସ୍ତୁର ମୂଲ୍ୟାୟନ ନିର୍ଦ୍ଦିଷ୍ଟ ଥିଲା କିମ୍ବା ଯେତେବେଳେ ଉପସ୍ଥାପିତ ଆଇନଗତ ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ଥିଲା । 1950 ମସିହାରେ ଯେତେବେଳେ ସମ୍ବିଧାନ ଅଧୀନରେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା କରାଯାଇଥିଲା, ସେତେବେଳେ ଏହାର ମୂଳ, ସାମ୍ବିଧାନିକ, ଅପିଲୀୟ ଏବଂ ବିଶେଷ ଅଧିକାରିତାଗୁଡ଼ିକୁ ଅନୁଚ୍ଛେଦ 131 ରୁ 136 ମଧ୍ୟରେ ବର୍ଣ୍ଣନା କରାଯାଇଥିଲା । ଦେୱାନୀ କାର୍ଯ୍ୟାନୁଷ୍ଠାନରୁ ଉତ୍ପନ୍ନ ହୋଇଥିବା ଅପିଲୀୟ କ୍ଷେତ୍ରାଧିକାରିତା ଅନୁଚ୍ଛେଦ 133 ଦ୍ୱାରା ପ୍ରଦାନ କରାଯାଇଥିଲା । ମୂଳତଃ, ଏହା ଅଧିକାରବଶତଃ ଏକ ଅପିଲ ପ୍ରଦାନ କରୁଥିଲା ଯଦି ବିବାଦର ବିଷୟ ନିର୍ଦ୍ଦିଷ୍ଟ ରାଶିଠାରୁ କମ ରହୁ ନଥିଲା କିମ୍ବା ଯଦି ଉଚ୍ଚ ନ୍ୟାୟାଳୟ ଏହାକୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଣ୍ଣୟ ନେବା ପାଇଁ ଉପଯୁକ୍ତ ମାମଲା ବୋଲି ପ୍ରମାଣିତ କରୁଥିଲେ । 1973 ମସିହାରେ ଏହି ଅନୁଚ୍ଛେଦରେ ସଂଶୋଧନ କରାଯାଇଥିଲା ଏବଂ ଦେୱାନୀ କାର୍ଯ୍ୟାନୁଷ୍ଠାନରୁ ଉତ୍ପନ୍ନ ହେଉଥିବା ଏକ ଅପିଲ ଉପରେ ବିଚାର କରିବାର କ୍ଷେତ୍ରାଧିକାରିତା, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରିବା ପର୍ଯ୍ୟନ୍ତ ସୀମିତ ହୋଇ ରହିଗଲା ଯେ ମାମଲାଟିରେ ଆଇନ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଥିଲା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ମତରେ ଉକ୍ତ ପ୍ରଶ୍ନର ନିଷ୍ପତ୍ତି ଏହି ନ୍ୟାୟାଳୟଙ୍କ ଦ୍ୱାରା କରାଯିବା ଆବଶ୍ୟକ ଥିଲା । ଏହି ସଂଶୋଧନକୁ ଦୃଷ୍ଟିରେ ରଖି, ଦେୱାନୀ ପ୍ରକ୍ରିୟା ସଂହିତାର ଧାରା

110, ଯାହା ବିଷୟର ମୂଲ୍ୟାୟନ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଅପିଲ କରିବା ପାଇଁ ବ୍ୟବସ୍ଥା କରିଥିଲା, ତାହାକୁ 1976 ମସିହାରେ ବାଦ୍ ଦିଆଯାଇଥିଲା । ଆଦେଶ 45, ଯାହା 1950 ମସିହା ପୂର୍ବରୁ ପ୍ରିଭି କାଉନସିଲରେ ଏବଂ ତାହା ପରେ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରିବା ପାଇଁ ବ୍ୟବସ୍ଥା କରିଥିଲା, ତାହାକୁ ମଧ୍ୟ 1976 ମସିହାରେ ସଂଶୋଧନ କରାଯାଇଥିଲା । ଏହାର ଉପ-ନିୟମ 2 ଏବଂ 3, ଯାହା ପ୍ରାସଙ୍ଗିକ ଅଟେ, ସେଗୁଡ଼ିକ ନିମ୍ନରେ ଦିଆଯାଇଛି:

"(2). ଯେଉଁ ନ୍ୟାୟାଳୟଙ୍କ ଡିକ୍ରି ବିରୁଦ୍ଧରେ ଅଭିଯୋଗ କରାଯାଇଛି, ସେହି ନ୍ୟାୟାଳୟରେ ଆବେଦନ ପତ୍ର - (1) ଯିଏ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରିବାକୁ ଚାହୁଁଛନ୍ତି, ତାଙ୍କୁ ସେହି ନ୍ୟାୟାଳୟରେ ଆବେଦନ ଦ୍ୱାରା ଦରଖାସ୍ତ କରିବାକୁ ହେବ ଯେଉଁ ନ୍ୟାୟାଳୟଙ୍କ ଡିକ୍ରି ବିରୁଦ୍ଧରେ ଅଭିଯୋଗ କରାଯାଇଛି ।

(2) ଉପ-ନିୟମ (1) ଅନୁଯାୟୀ ପ୍ରତ୍ୟେକ ଆବେଦନର ଯେତେ ତ୍ୱରିତ ଭାବରେ ସମ୍ଭବ ଶୁଣାଣି ହେବ ଏବଂ ଉପ-ନିୟମ (1) ଅନୁଯାୟୀ ନ୍ୟାୟାଳୟରେ ଆବେଦନ ଉପସ୍ଥାପନ ହେବା ତାରିଖ ଠାରୁ ଷାଠିଏ ଦିନ ମଧ୍ୟରେ ଆବେଦନର ଫଏସଲା କରିବାକୁ ପ୍ରୟାସ କରାଯିବ ।

(3) ମୂଲ୍ୟ କିମ୍ବା ଉପଯୁକ୍ତତା ସମ୍ବନ୍ଧୀୟ ପ୍ରମାଣ ପତ୍ର - (1) ପ୍ରତ୍ୟେକ ଆବେଦନରେ ଅପିଲ କରିବାର ଆଧାରଗୁଡ଼ିକୁ ଉଲ୍ଲେଖ କରାଯିବ ଏବଂ ଏକ ପ୍ରମାଣ ପତ୍ର ପାଇଁ ପ୍ରାର୍ଥନା କରାଯିବ -

(i) ଯେ ଏହି ମାମଲାରେ ସାଧାରଣ ମହତ୍ତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ରହିଛି, ଏବଂ

(ii) ଯେ ନ୍ୟାୟାଳୟଙ୍କ ମତରେ, ଉକ୍ତ ପ୍ରଶ୍ନର ନିର୍ଣ୍ଣୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯିବା ଆବଶ୍ୟକ ।

(2) ଏପରି ଆବେଦନ ପ୍ରାପ୍ତ ହେବା ପରେ, ଉକ୍ତ ପ୍ରମାଣ ପତ୍ର କାହିଁକି ମଞ୍ଜୁର ନ କରାଯିବ ତାହାର କାରଣ ଦର୍ଶାଇବା ପାଇଁ ନ୍ୟାୟାଳୟ ବିପରୀତ ପକ୍ଷଙ୍କୁ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବେ" ।

ଏହି ନିୟମାବଳୀ ଅନୁଯାୟୀ, ଏହି ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାକୁ ଚାହୁଁଥିବା ଜଣେ ବ୍ୟକ୍ତି ପ୍ରଥମେ ଏକ ଆବେଦନ ଦ୍ୱାରା ଉଚ୍ଚ ନ୍ୟାୟାଳୟଙ୍କୁ ଦରଖାସ୍ତ ଦେବା ଆବଶ୍ୟକ, ଯାହାଙ୍କ ଡିକ୍ରିରୁ, ଏହି ନ୍ୟାୟାଳୟ ଦ୍ୱାରା ନିର୍ଣ୍ଣୟ ନିଆଯିବାକୁ ଥିବା ଆଇନଗତ ପ୍ରଶ୍ନକୁ ଦର୍ଶାଇ ଅପିଲ କରାଯାଇଛି ।

ଏହାପରେ, ଆଦେଶ 45 ର ନିୟମ 3 ର ଉପ-ନିୟମ (1) ର ଉପ-ଖଣ୍ଡ (i) ଏବଂ (ii) ର ଆବଶ୍ୟକତା ପୂରଣ ହୋଇଛି କି ନାହିଁ ତାହା ନ୍ୟାୟାଳୟ ପ୍ରମାଣିତ କରିବା ଆବଶ୍ୟକ ।

ତେଣୁ ଏହା ସ୍ପଷ୍ଟ ଯେ, ଜମି ଅଧିଗ୍ରହଣ ଅଧିନିୟମର ଧାରା 54 ଅନୁଯାୟୀ ଏକ ଅପିଲ ଏହି ନ୍ୟାୟାଳୟରେ କେବଳ ଆଦେଶ 45 ରେ ପ୍ରଦତ୍ତ ସର୍ତ୍ତାବଳୀ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଏକ ପ୍ରମାଣପତ୍ର ଆଧାରରେ ହିଁ ରହିବ । ସ୍ୱୀକାରଯୋଗ୍ୟ ଯେ, ଯେହେତୁ ଆବେଦନକାରୀମାନେ ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ 45 ସହ ପଠିତ ଜମି ଅଧିଗ୍ରହଣ ଅଧିନିୟମର ଧାରା 54 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇନଥିଲେ, ତେଣୁ ସେହି ମାମଲାଗୁଡ଼ିକୁ ଧାରା 54 ଅଧୀନରେ ପଞ୍ଜିକୃତ କରାଯାଇପାରିବ ନାହିଁ । ଏହି ଅପିଲଗୁଡ଼ିକୁ ଅନୁଚ୍ଛେଦ 136 ଅନୁଯାୟୀ ବିଶେଷ ଅନୁମତି ଆବେଦନ ଭାବରେ ପଞ୍ଜୀକୃତ କରିବାକୁ ଏବଂ ପ୍ରାଥମିକ ଶୁଣାଣି ପାଇଁ ଏଗୁଡ଼ିକୁ ଏକ ଉପଯୁକ୍ତ ନ୍ୟାୟପୀଠଙ୍କ ସମ୍ମୁଖରେ ରଖିବାକୁ ରେଜିଷ୍ଟ୍ରିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଭି. ପି. ଆର୍. ତଦନୁସାରେ ଆଦେଶ ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**